**Publication:** Pratidina
**Date:**10/09/2015
**Edition:** Bhubaneshwar
**Page No:** 4
**Headline:**TCS IT Wiz Bhubaneswar edition on 24th September

# ୨୪ରେ ଭୁବନେଶ୍ୱର ସଂସ୍କରଣ ଟିସିଏସ୍ ଆଇଟି ୱିଜ୍ ୨୦୧୫

ଭୁବନେଶ୍ୱର,୯/୯: ପ୍ରମୁଖ ଆଇଟି ସର୍ଭିସେସ୍, କନ୍ସଲ୍ଟିଂ ଏବଂ ବ୍ୟବସାୟ ସମାଧାନକାରୀ ସଂସ୍ଥା, ଟାଟା କନ୍ସଲ୍ଟାନ୍ସି ସର୍ଭିସେସ୍ (ଟିସିଏସ୍) ପକ୍ଷରୁ ସେପ୍ଟେମ୍ବର ୨୪, ୨୦୧୫ ଗୁରୁବାର, ଜୟଦେବ ବିହାର ରୋଡ୍ସ୍ଥିତ ପାଲ୍ ହାଇଟ୍ସ, ଜେ/୭ରେ ଟିସିଏସ୍ ଆଇଟି ୱିଜ୍ ୨୦୧୫, ଭାରତର ସର୍ବବୃହତ୍ ଆନ୍ତଃ-ବିଦ୍ୟାଳୟ କ୍ୱିଜ୍ ଅନୁଷ୍ଠିତ ହେବ । ଏଥିପାଇଁ କୌଣସି ଫି' ଦେବାକୁ ପଡ଼ିବ ନାହିଁ । ଅଷ୍ଟମ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ (ପ୍ରାକ୍ ବିଶ୍ୱବିଦ୍ୟାଳୟ ଜୁନିଅର କଲେଜ) ମଧ୍ୟରେ ପଢୁଥିବା ଛାତ୍ରଛାତ୍ରୀ ଏଥିରେ ଅଂଶଗ୍ରହଣ କରିପାରିବେ । ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ପ୍ରତି ଶିକ୍ଷାନୁଷ୍ଠାନ ୨ ସଦସ୍ୟ ବିଶିଷ୍ଟ ସର୍ବାଧିକ ୮ଟି ଟିମ୍ ପଠାଇ ପାରିବେ । ଟିସିଏସ୍ ଆଇଟି ୱିଜ୍-୨୦୧୫ ଅହମ୍ମଦାବାଦ୍, ବାଙ୍ଗାଲୋର, ଭୁବନେଶ୍ୱର, ଚେନ୍ନାଇ, କୋଏମ୍ବାଟୁର, ଦିଲ୍ଲୀ, ହାଇଦ୍ରାବାଦ, ଇନ୍ଦୋର, କୋଚି, କୋଲକାତା, ଲକ୍ଷ୍ନୌ, ମୁମ୍ବାଇ, ନାଗପୁର, ପୁନେ ଏବଂ ବିଶାଖାପାଟଣା ଭଳି ଭାରତର ୧୫ଟି ସ୍ଥାନରେ ଅନୁଷ୍ଠିତ ହେଉଛି । ପ୍ରତିଯୋଗିତାରେ ଭାଗ ନେବା ପାଇଁ ଛାତ୍ରଛାତ୍ରୀଙ୍କୁ ନିଜ ଅନୁଷ୍ଠାନ ମାଧ୍ୟମରେ କାଳୀପ୍ରସାଦ ତ୍ରିପାଠୀ, ଟିସିଏସ୍ ଆଇଟି ୱିଜ୍ କୋଅର୍ଡିନେଟର, ଟାଟା କନ୍ସଲ୍ଟାନ୍ସି ସର୍ଭିସେସ୍, ଆଇଟି/ଆଇଟିଇଏସ୍ ଏସ୍ଇଜେଡ୍, ପ୍ଲଟ୍ ନମ୍ବର-୩୫, ଚନ୍ଦକା ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ, ପଟିଆ, ଭୁବନେଶ୍ୱର-୭୫୧୦୨୪କୁ ସେପ୍ଟେମ୍ବର ୨୧ ତାରିଖ ସୁଦ୍ଧା ଆବେଦନ ପତ୍ର ପଠାଇବାକୁ ପଡ଼ିବ । ସବିଶେଷ ତଥ୍ୟ ଜାଣିବା ପାଇଁ ମୋବାଇଲ ନମ୍ବର: ୦୯୨୩୮୩୦୧୯୫୦କୁ କଲ୍ କରିପାରିବେ ବା www.tcsitwiz.com ମାଧ୍ୟମରେ ଅନ୍ଲାଇନରେ ପଞ୍ଜିକରଣ କରିପାରିବେ । ସେହିଭଳି ଆପଣ ଟ୍ୱିଟର ମାଧ୍ୟମରେ @TCSITWizରେ ଅନୁସରଣ କରିପାରିବେ ।

**କ୍ୱିଜ୍ ଫର୍ମାଟ୍:** ଲିଖିତ ପ୍ରିଲିମିନାରୀ ପରୀକ୍ଷାର ଟପ୍ ୬ ଟିମ୍ ହିଁ ଆଞ୍ଚଳିକ ଫାଇନାଲ୍ ପାଇଁ ଉତ୍ତୀର୍ଣ୍ଣ ହୋଇପାରିବେ । ତେବେ ଯଦି କୌଣସି ବିଦ୍ୟାଳୟର ଏକାଧିକ ଦଳ ପ୍ରିଲିମିନାରୀ ଟପ୍ ୬ରେ ଥିବେ ସେମାନଙ୍କ ମଧ୍ୟରୁ ଉକ୍ତ ବିଦ୍ୟାଳୟର ସର୍ବାଧିକ ସ୍କୋର କରିଥିବା ଦଳକୁ ଷ୍ଟେଜ୍କୁ ଡକାଯିବ । ଆଞ୍ଚଳିକ ଦଳର ବିଜେତାମାନେ ଡିସେମ୍ବରରେ ହେବାକୁ ଥିବା ମେଗା ଫାଇନାଲରେ ପ୍ରତିଦ୍ୱନ୍ଦ୍ୱିତା କରିବେ । ଆଞ୍ଚଳିକ ବିଜେତା ଟିମ୍ ସହ ଜଣେ ଏସ୍କର୍ଟ ମୁମ୍ବାଇ ଗସ୍ତ କରିବେ ।

**ପୁରସ୍କାର:** ଚଳିତ ବର୍ଷ ଟିସିଏସ୍ ଆଇଟି ୱିଜ୍ ଆଞ୍ଚଳିକ ଚାମ୍ପିଅନ୍ଙ୍କୁ ପ୍ରତ୍ୟେକ ଗୋଟିଏ ଲେଖାଏଁ ଆଇପ୍ୟାଡ୍ ଏୟାର ମିଳିବାକୁ ଥିବାବେଳେ ରନର୍ସ ଅପ୍ ଟିମ୍ ସଦସ୍ୟଙ୍କୁ ଆଇପ୍ୟାଡ୍ ମିନି ସମେତ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ଟ୍ରଫି ଓ ମେଡାଲ ମିଳିବ । ୬ ଚୂଡ଼ାନ୍ତ ଦଳକୁ ଟିସିଏସ୍ ପକ୍ଷରୁ ଲାପ୍ଟପ୍ ବ୍ୟାଗ୍, ସିପ୍ପର, ହେଡ୍ଫୋନ୍, ପେନ୍ଡ୍ରାଇଭ, ସେଲ୍ଫି ଷ୍ଟିକ୍ ଭଳି ଆହୁରି ଅନେକ କିଛି ମିଳିବ । ଆଞ୍ଚଳିକ ଚାମ୍ପିଅନ୍ ଓ ଜଣେ ଏସ୍କର୍ଟ ଫାଇନାଲ୍ ପାଇଁ ମୁମ୍ବାଇ ଗସ୍ତ କରିବେ ।

**ଟ୍ୱିପୋର୍ଟିଙ୍ଗ:** ଆଞ୍ଚଳିକ ଚୂଡ଼ାନ୍ତ ଦଳର ସବୁ ଅଂଶଗ୍ରହଣକାରୀଙ୍କ ମଧ୍ୟରେ ଏକ ଟ୍ୱିଟର୍ ପ୍ରତିଯୋଗିତା ହେବ ଏବଂ ପ୍ରତି ସହରର ସର୍ବାଧିକ ଟ୍ୱିଟ୍ ସହ ଟପ୍ ୨ ବିଜେତା ଗୋଟିଏ ଲେଖାଏଁ ସେଲ୍ଫି ଷ୍ଟିକ୍, ପେନ୍ ଡ୍ରାଇଭ୍ ଏବଂ ହେଡ୍ଫୋନ୍ ପାଇବେ ।

**ଟ୍ୱିଟ୍ କରନ୍ତୁ ଏବଂ ଜିତନ୍ତୁ:** ଟ୍ୱିଟର୍ ପ୍ରତିଯୋଗିତାରେ ପ୍ରତି ଟ୍ୱିଟ୍ ପାଇଁ ଏକ ପଏଣ୍ଟ ଆର୍ଣ୍ଣିଂ ସିଷ୍ଟମ୍ ରହିବ । ୧୫ଟି ସହର ମଧ୍ୟରୁ ଅଧିକ ଟ୍ୱିଟ୍ ପଏଣ୍ଟ ଜିତିଥିବା ୩ ଜଣ ଛାତ୍ରଛାତ୍ରୀ ଯଥାକ୍ରମେ ୧୫,୦୦୦, ୧୦,୦୦୦ ଏବଂ ୫,୦୦୦ ଟଙ୍କାର ଗିଫ୍ଟ ଭାଉଚର୍ ମିଳିବ ।

ଅନ୍ୟ ସ୍ଥାନର ଛାତ୍ରଛାତ୍ରୀଙ୍କୁ ସମର୍ଥିତ କରିବାର ଦୃଶ୍ୟ ଦେଖିବାକୁ ଏକ ଲାଇଭ୍ ୱେବ୍କାଷ୍ଟ ବ୍ୟବସ୍ଥା କରାଯାଇଛି । ଆଞ୍ଚଳିକ ଫାଇନାଲ୍ର ୱେବ୍ଷ୍ଟ୍ରିମିଂ www.tcsitwiz.com ରେ ଦେଖିହେବ ।

**ବିଷୟ:** କ୍ୱିଜ୍ରେ ଆଇଟି ଦକ୍ଷତାର ପ୍ରାଧାନ୍ୟକୁ ଗୁରୁତ୍ୱ ଦିଆଯିବା ସହ ଏ ସମ୍ପର୍କରେ ସଚେତନତା ସୃଷ୍ଟି କରିବାକୁ ଲକ୍ଷ୍ୟ ରଖାଯାଇଛି । ଏଥିରେ ବିଶ୍ୱର ସୂଚନା ପ୍ରଯୁକ୍ତି ସମ୍ବଳିତ ବହୁ ଜ୍ଞାନଭିତ୍ତିକ ଓ ଆଗ୍ରହୀ ପ୍ରଶ୍ନ ଆସିବ । ଟିସିଏସ୍ ଆଇଟି ୱିଜ୍ରେ ମୁଖ୍ୟତଃ ବିଭିନ୍ନ କ୍ଷେତ୍ରର ଆପ୍ଲିକେସନ୍ ଟେକ୍ନୋଲୋଜି, ଟେକ୍ନୋଲୋଜି ପରିବେଶ, ବ୍ୟବସାୟ, ଲୋକ, ନୂଆ ଟ୍ରେଣ୍ଡ ଓ ଲିଜେଣ୍ଡଙ୍କ ଉପରେ ପ୍ରଶ୍ନ ଆସିବ ।